## ଚୋରି ବାଇକ୍ ଫେରିପାଇଲେ ରବି

ସୁନାବେଡ଼ା,୩।୮ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ହିକିମପୁଟ ଛକ ନିକଟରୁ ଗୁରୁବାର ଚୋରି ହୋଇଥିବା ବାଇକ୍‌କୁ ଶୁକ୍ରବାର ଅପରାହ୍ନରେ ପୋଲିସ ଠାବକରିଛି। ଏଥିସହ ଜଣକୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ନନ୍ଦପୁର ଏସ୍‌ଡିପିଓ ସମ୍ବିତ ମାଝୀ କହିଛନ୍ତି। ସୂଚନା ମୁତାବକ ଗୁରୁବାର ପୂର୍ବାହ୍ନ ୧୧ଟାରେ ନନ୍ଦପୁର ବ୍ଲକ୍ ଏମ୍‌ଡିଆର୍ ୫୫ ହିକିମପୁଟ ନିକଟ ଜବାଗଡ ଗ୍ରାମର ଗୁରୁରାଜୁ ମୂଷାପାରିଆ ରାସ୍ତାକଡ଼ରେ ନିଜ ବାଇକ୍ ରଖି ପିଇବା ପାଣି ସଂଗ୍ରହ କରୁଥିବା ବେଳେ ଜଣେ ବ୍ୟକ୍ତି ଉକ୍ତ ବାଇକ୍‌କୁ ନେଇ ଫେରାର ହୋଇଯାଇଥିଲେ। ଘଟଣା ନେଇ ବାଇକ୍ ମାଲିକ ନନ୍ଦପୁର ଥାନାରେ ଏତଲା ଦେଇଥିଲେ। ନନ୍ଦପୁର ପୋଲିସ ନଂ. ୯୦/୨୪ରେ ମାମଲା ରୁଜୁକରି ଥାନା ଅଧିକାରୀ ମମତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଦୀପ୍ତିମୟୀ ଧାରୁଆ ତଦନ୍ତ କରୁଥିଲେ। ତଦନ୍ତ ସମୟରେ ଗୋଇନ୍ଦା ସୂଚନାକୁ ଆଧାର କରି ସୁନାବେଡ଼ା ମୀନାରାଓ କ୍ୟାମ୍ପ ଅଞ୍ଚଳର ଶ୍ୟାମ ଖରା (୪୩)ଙ୍କୁ ଧରିଆଣି ପୋଲିସ ପଚରାଉଚରା କରିଥିଲା। ସେ ବାଇକ୍ ଚୋରି କରିଥିବା ସ୍ୱୀକାର କରିବା ସହ ନନ୍ଦପୁର-ସେମିଳିଗୁଡ଼ା ରାସ୍ତାର ନଳାଚୁଆ ଜଙ୍ଗଲରେ ଲୁଚାଇ ରଖିଥିବା କହିଥିଲେ। ପୋଲିସ ସେଠାରୁ ବାଇକ୍ ଆଣି ସାକ୍ଷୀଙ୍କ ଉପସ୍ଥିତିରେ ଗାଡ଼ିମାଲିକ ରବି ମୂଷାପାରିଆ ଓ ଏତଲାକାରୀ ଗୁରୁରାଜ ମୂଷାପାରିଆଙ୍କୁ ହସ୍ତାନ୍ତର କରିଥିଲା। ତଦନ୍ତରେ ଏସ୍‌ଆଇ ବେଦୋବର ସାହୁ , ଏଏସ୍‌ଆଇ ଗୁପ୍ତେଶ୍ୱର ଗଉଡ଼ ସହଯୋଗ କରିଥିଲେ।

# ନିମ୍ନମାନର ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)


ନୂଆଗଡ଼ ନିକଟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ହୋଇଥିବା ରାସ୍ତା।

■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଦୁରବସ୍ଥା
■ ରାସ୍ତାରେ ଖାଲଖମା, ଜମୁଛି ପାଣି

ଗାଁକୁ ଗାଁ ଓ ଗାଁରୁ ସହରକୁ ରାସ୍ତା ସଂଯୋଗ ହେଲେ ବ୍ୟାବସାୟିକ, ଆର୍ଥିକ ଓ ସାମାଜିକ ବୃଦ୍ଧି ହେବ । ଲୋକଙ୍କୁ ଯାତାୟାତ ସୁବିଧା ମିଳିବ। କିନ୍ତୁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍‌ର ଏକ ରାସ୍ତାକୁ ଦେଖିଲେ ଏହା ଭୁଲ୍ ବୋଲି ପ୍ରମାଣିତ ହେଉଛି। ଉକ୍ତ ରାସ୍ତା ନିର୍ମାଣ କାମ ନିମ୍ନମାନର ହେଉଛି। ଅଭିଯୋଗ ପରେ ମଧ୍ୟ ବିଭାଗର ନିଘା ନାହିଁ। ୩ କୋଟି ୬୩ ଲକ୍ଷ ବ୍ୟୟରେ ତିଆରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ୩ ମାସ ଯାଇନାହିଁ ନାଳ ସଦୃଶ ହୋଇପଡିଲା। ଠିକାଦାରଙ୍କ ସମେତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝି ଦାବି କରିଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ନୂଆଗଡ଼, ତୁରୁଞ୍ଜିଆଗୁଡ଼ା, ଦଳେଇଗୁଡ଼ା, ପିପଳଗୁଡ଼ା, ଡେଙ୍ଗାତତାଗୁଡ଼ା, ରଙ୍ଗପିଆଜିଗୁଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ୨୦୨୨-୨୩ ବର୍ଷରେ ୩ କୋଟି ୬୩ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତାକାମ ସରିବାର ୩ ମାସ ପରେ ରାସ୍ତା ଫାଟି ଆଁ ହୋଇଯିବା ସହ ପିଚୁ ଉଠି ଖାଲ ହୋଇଗଲା। ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପରେ ୨୦୨୩ ଏପ୍ରିଲରେ ମରାମତିକରି ନିମ୍ନମାନର ପିଚୁରେ ପ୍ୟାଚ୍ ପକାଗଲା। କିଛିଦିନ ବିତି ନ ଥିବାବେଳେ ରାସ୍ତା ଫାଟିଯିବା ସହ ମେଟାଲ, ମୋରମ ସହିତ ପିଚୁଗୁଡ଼ିକ ବାହାରି ନାଳ ଭଳି ଦେଖାଯାଉଛି। ଗୋଟିଏ ରାସ୍ତା ନିର୍ମାଣ ହେବାର ବର୍ଷେ ପରେ ମରାମତି ଆବଶ୍ୟକ ପଡିବ ବୋଲି ବିଭାଗ ମଧ୍ୟ ବୋର୍ଡ ଲଗାଇଛି। ୫ବର୍ଷ ମରାମତି ପାଇଁ ୨୫ ଲକ୍ଷ ୩୬ ଲକ୍ଷ ୮୬୫ ଟଙ୍କା ଖର୍ଚ୍ଚ ହେବ ବୋଲି ଉଲ୍ଲେଖ ରହିଛି। ଏହି ରାସ୍ତାକୁ ଯିଏ ଦେଖିବ ରାହା ଅତି ପୁରୁଣା ବୋଲି କହିବ। ବୈଷୟିକ ଅଧିକାରୀ ଓ ଠିକାଦାରଙ୍କ ଭିତିରିଆ କାରବାର ଯୋଗୁ ଜିଲାରେ ଗ୍ରାମ୍ୟ ନିର୍ମାଣ ବିଭାଗର ଦ୍ୱାରା ତିଆରି ହୋଇଥିବା ଅନେକ ରାସ୍ତା ନିମ୍ନମାନର ବୋଲି ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝି କହିଛନ୍ତି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏହି ରାସ୍ତାରେ ଖଲଖମା ଯୋଗୁ କୌଣସି ଦୁର୍ଘଟଣା ଘଟିଲେ ନବରଙ୍ଗପୁର ଗ୍ରାମ୍ୟ ନିର୍ମାଣ ବିଭାଜନ (୧) ଦାୟୀ ରହିବେ ବୋଲି ପରିଷଦର ଅଧ୍ୟକ୍ଷ କହିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ସାଗର ନାୟକଙ୍କ ପଚାରିବାରୁ ମରାମତି ବର୍ଷକ ପରେ କରାଯିବାକୁ ନିୟମ ରହିଛି। ତଥାପି ରାସ୍ତାରୁ ପିଚୁ ଉଠି ଖଲଖମା ହେବାପରେ ମରାମତି କରାଯାଇଥିଲା। ଏବେ ବର୍ଷା ପରେ ମରାମତି କରାଯିବ। ଭାରିଯାନ ଯାତାୟାତ କରିବାରୁ ରାସ୍ତା ଓଜନ ନେଇ ପାରୁନାହିଁ। ଭରିଯାନକୁ ଏହି ରାସ୍ତାରେ ଛଡ଼ା ନ ଗଲେ ରାସ୍ତା ଠିକ ରହିବ ବୋଲି ସେ କହିଛନ୍ତି । ଭାରିଯାନ ଚଳାଚଳ ନ କରିବା ପାଇଁ ସୂଚନା ଫଳକ ଲଗାଇଛନ୍ତି କି ବୋଲି ପ୍ରଶ୍ନ କରିବାରୁ ଏମିତି କିଛି ନିୟମ ନାହିଁ ବୋଲି କହିଥିଲେ। ୫ ବର୍ଷ ପାଇଁ ବିଭାଗ ମରାମତି ନାଁରେ କିଛି ଅର୍ଥ ରଖି ରାସ୍ତା କାମ ନିମ୍ନ ମାନର କରୁଥିବା ଅଭିଯୋଗ ହେଉଛି। ୫ ବର୍ଷର ମରାମତି ଅର୍ଥରେ ପ୍ୟାଚିଂ କାମ କରାଇ ନିଜର ଦାୟିତ୍ୱ ତୁଟାଇ ଦେଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

## 'ମନଦେଇ ପଢ଼ିବା ସହ ଭବିଷ୍ୟତ ଗଠନ କର'

ଚନ୍ଦାହାଣ୍ଡି,୩।୮ (ଦିଲୀପ ଦାସ )

**ପାନାବେଡ଼ା +୨ କଲେଜରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ +୨ କଲେଜର ପ୍ରଥମ ବର୍ଷ ବିଜ୍ଞାନ ଓ କଳା ଶ୍ରେଣୀରେ ନୂତନ ଭାବେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ପାନାବେଡ଼ା +୨କଲେଜ ଅଧ୍ୟକ୍ଷ ନଳିନୀ ଦାଶ ସଭାପତିତ୍ୱ କରିଥିଲେ। ସ୍ୱାଗତ ସଙ୍ଗୀତ ପରେ ନୂତନ ଛାତ୍ରୀଛାତ୍ର ନିଜ ପରିଚୟ ଦେଇଥିଲେ। +୩ମହାବିଦ୍ୟାଳୟ ଅଧ୍ୟକ୍ଷ ଦ୍ୱାରିକାନାଥ ବାଘ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମନଦେଇ ପଢ଼ିବା ସହ ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ମକର ନାୟକ, ଇଂରାଜୀ ଅଧ୍ୟାପକ ଚତୁର୍ଭୁଜ ମେହେର ଯୋଗଦେଇ ଉତ୍ତମ ଶିକ୍ଷା ଗ୍ରହଣକରି ଶୃଙ୍ଖଳିତଭାବେ ଜୀବନର ଲକ୍ଷ୍ୟପଥରେ ପହଞ୍ଚିବାକୁ ସେମାନେ ମତ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ଇତିହାସ ବିଭାଗ ଅଧ୍ୟାପକ ଅନିଲ କୁମାର ପୃଷ୍ଟି ଶିକ୍ଷାନୁଷ୍ଠାନ ନୀତିନିୟମ ମାନି ଭଲ ପାଠ ପଢ଼ିବାକୁ ନବାଗତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ନଳିନୀ ଦାଶ ଭଲ ପାଠ ପଢ଼ି ଉଚ୍ଚାଭିଳାଷୀ ହୋଇ ଭବିଷ୍ୟତର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ମତ ଦେଇଥିଲେ। ବରିଷ୍ଠ ଅର୍ଥନୀତି ଅଧ୍ୟାପକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ +୨ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସୁଜିତ କୁମାର ମହାନ୍ତି, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସ୍ୱାଗତିକା ତ୍ରିପାଠୀ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶିବାଜୀ ସାହୁ, ଗଣିତ ଅଧ୍ୟାପକ ବିଶ୍ୱଜିତ ସେନାପତି, ରାଜନୀତି ଅଧ୍ୟାପିକା ସଙ୍ଗୀତା ସାନ୍ତାଙ୍କ ସମେତ ମୁଖ୍ୟ କିରାଣି ତ୍ରିଜନ ନାୟକ, ସୁନନ୍ଦା ହୋତା, କୈଳାସ ଜାଲି, ପଙ୍କଜ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପାଠାଗାର ପରିଚାଳକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## 'ନବରଙ୍ଗପୁର ସାହିତ୍ୟ କୋକିଳା' ପତ୍ରିକା ଉନ୍ମୋଚିତ


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟରେ ଡିଇଓ ଛତ୍ରପତି ସାହୁଙ୍କ ଦ୍ୱାରା ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଏକ ହିନ୍ଦୀ ପତ୍ରିକା 'ନବରଙ୍ଗପୁର ସାହିତ୍ୟ କୋକିଳା' ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ହାଇଦ୍ରାବାଦ ସହକାରୀ ପ୍ରଫେସର ଡକ୍ଟର ଚନ୍ଦ୍ର ପ୍ରତାପ ସିଂ, ଭୁବନେଶ୍ୱର ଆଞ୍ଚଳିକ ହିନ୍ଦୀ ସଂସ୍ଥାନ ନିର୍ଦ୍ଦେଶକ ଡକ୍ଟର ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡକ୍ଟର ରେଶମ ଲାଲ ନାୟକ ଓ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ପତ୍ରିକାରେ ମୋଟ ୬୪ କବିତା, ଗଳ୍ପ ଓ ପ୍ରବନ୍ଧ ସ୍ଥାନିତ ହୋଇଛି। ପତ୍ରିକାଟି ଜିଲାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଦିଗରେ ସହାୟକ ହୋଇ ପାରିବ ବୋଲି ଡିଇଓ ସାହୁ କହିଛନ୍ତି। ଶିକ୍ଷୟତ୍ରୀ ଶିଳ୍ପୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ ଯେ, ଜିଲାର ମାଧ୍ୟମିକ ବିଦ୍ୟାଳୟ ହିନ୍ଦୀ ଶିକ୍ଷକଙ୍କ ଏକ ୧୦ ଦିନିଆ ତାଲିମ ଶିବିର ଜିଲା ଶିକ୍ଷା ବିଭାଗ ତରଫରୁ ଆୟୋଜନ କରାଯାଇଥିଲା। ଶନିବାର ଶିବିର ଉଦ୍‌ଯାପନୀ ଉତ୍ସବରେ ଏହି ପତ୍ରିକା ଉନ୍ମୋଚନ କରାଯାଇଛି।

## ସ୍ତନ୍ୟପାନର ମହତ୍ତ୍ୱ, ଉପକାରିତା ଉପରେ ସଚେତନ କରିବ ରଥ


ସ୍ତନ୍ୟପାନ ସଚେତନତା ଭ୍ରାମ୍ୟମାଣ ରଥର ଶୁଭାରମ୍ଭ କରାଯାଉଛି।

ମୁନିଗୁଡ଼ା,୩।୮
(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ କାର୍ଯ୍ୟକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହର୍ଷ ଟ୍ରଷ୍ଟ ଓ ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନ ମିଳିତ ସହାୟତାରେ ସ୍ତନ୍ୟପାନ ସଚେତନତା ଭ୍ରାମ୍ୟମାଣ ରଥର ଶୁଭାରମ୍ଭ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହର୍ଷ ଟ୍ରଷ୍ଟର ସଂଯୋଜକ ଉଦ୍ଧବ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମୁନିଗୁଡ଼ା ସିଡିପିଓ ଡାଳିମ୍ବ ନାୟକ ଓ ପୋଷଣ ସଂଯୋଜକ କୈଳାସ ସେନାପତି ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ରଥ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ବାହାରି ବ୍ଲକ୍‌ର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବୁଲି ଗର୍ଭବତୀ, ପ୍ରସୂତି ମା'ମାନଙ୍କୁ ସ୍ତନ୍ୟପାନର ମହତ୍ତ୍ୱ ଏବଂ ଏହାର ଉପକାରିତା ଉପରେ ସଚେତନ କରାଇବା କାର୍ଯ୍ୟକ୍ରମ ରହିଛି ବୋଲି ସଂଯୋଜକ ଉଦ୍ଧବ ସାହୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ୍ ସୁପରଭାଇଜର ସବିତା ସାହୁ, କ୍ରୀଷ୍ଟା କୁମାରୀ ପଣ୍ଡା, ମୋହନାବତୀ ମୁଟୁକା ତଥା ପୋଷଣ ସଂଯୋଜକ କୈଳାସ ସେନାପତି ଉପସ୍ଥିତ ଥିଲେ। ଏଥିସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହର୍ଷ ଟ୍ରଷ୍ଟର କର୍ମଚାରୀ ମୀନାକ୍ଷୀ ସାହୁ, ସନ୍ଧ୍ୟାରାଣୀ ବଳିଆରସିଂ, ସାଜିନା ହିମିରିକା, ଶ୍ରଦ୍ଧାଞ୍ଜଳି ପାଣ୍ଡେ, ସଚିନ ପାଣିଗ୍ରାହୀ, ରଞ୍ଜନ ନନ୍ଦ, ଅକ୍ରୁର ତାଣ୍ଡି, ରତନଞ୍ଜୟ ବାଗ,ଡେଭିଡ୍ ନିଆଲ, କୌଶିକ ମେହେର, ପୀତାମ୍ବର ସୋରେନ, ଦିଲୀପ ବସନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିନ୍ନରଙ୍କୁ ସ୍ୱାବଲମ୍ବୀ କରିବା ନେଇ ଆଲୋଚନା

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)


ବୈଠକରେ କିନ୍ନର ସଂଘ ସଦସ୍ୟ ଓ ଅଧିକାରୀମାନେ।

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲା କିନ୍ନର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୌଶଳ ପ୍ରଶିକ୍ଷଣ ନିମନ୍ତେ ଆଲୋଚନା ହୋଇଥିଲା। ସରକାରୀ ଯୋଜନାର ଲାଭ ଉଠାଇ ଅନୁଯାୟୀ କିନ୍ନରମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଲେଇ, କଣ୍ଢେଇ ଏବଂ ଏଲ୍‌ଇଡି ବଲବ୍ ତିଆରି ଆଦି ଅନେକ ଯୋଜନାରେ କିନ୍ନରମାନେ ପ୍ରଶିକ୍ଷଣ ନେଇ ପାରିବେ ବୋଲି ଆଲୋଚନା ହୋଇଛି। ଏହି ଅବସରରେ ଜିଲା କର୍ମନିଯୋଜନ ଅଧିକାରୀ ଓ ଜିଲା କିନ୍ନର ସଂଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ନର ସଂଘ ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମକି କିନ୍ନର, ଉପସଭାପତି ସନା କିନ୍ନର, କୋଷାଧ୍ୟକ୍ଷ ଗୁରୁ କିନ୍ନରଙ୍କ ସମେତ ବିଭିନ୍ନ ବ୍ଲକରୁ କିନ୍ନର ସଂଘର ସଭ୍ୟମାନେ ବୈଠକରେ ସାମିଲ ହୋଇଥିଲେ। ଆଗାମୀ ଦିନରେ କିନ୍ନରମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ ବୋଲି ସଂଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ପଞ୍ଚାୟତ ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଗକୁ ହସ୍ତାନ୍ତର ପ୍ରସ୍ତାବ

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)

**ବିଭାଗୀୟ ମନ୍ତ୍ରୀଙ୍କ ସହ ନବରଙ୍ଗପୁର ବିଧାୟକଙ୍କ ଆଲୋଚନା**

ପଞ୍ଚାୟତିରାଜ ଓ ଗ୍ରାମ୍ୟ ନିର୍ମାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଶୁକ୍ରବାର ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ଭେଟିଛନ୍ତି। ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଗକୁ ହସ୍ତାନ୍ତର ହୋଇପାରିଲେ ଭଲ ଯାତାୟାତ ସୁବିଧା ହୋଇପାରିବ। ରିଜୋଲ୍ୟୁଶନ ପ୍ରକାରେ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ କୋଷାଗୁମୁଡ଼ା ବ୍ଲକ୍‌ର ପଞ୍ଚାୟତ ରାସ୍ତାଗୁଡିକ ଗ୍ରାମ୍ୟ ନିର୍ମାଣ ବିଭାଗକୁ ହସ୍ତାନ୍ତର ପାଇଁ ଦୀର୍ଘଦିନ ହେବ ପ୍ରସ୍ତାବ ହୋଇଥିଲା। କିନ୍ତୁ ତାହା ମଞ୍ଜୁର ହୋଇପାରୁ ନ ଥିବାରୁ ଅନେକ ଗାଁକୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ତେଣୁ ଉକ୍ତ ରାସ୍ତାଗୁଡ଼ିକର ତୁରନ୍ତ ହସ୍ତାନ୍ତର ପ୍ରକ୍ରିୟା ସାରିବାକୁ ବିଧାୟକ ମାଝି ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।


ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ନବରଙ୍ଗପୁର ବିଧାୟକ ପ୍ରସ୍ତାବପତ୍ର ପ୍ରଦାନ କରୁଛନ୍ତି।

## କାର୍ଯ୍ୟକାରୀ ହେଉନି ସାମୂହିକ ଶୌଚାଳୟ, ଲୋକେ ହନ୍ତସନ୍ତ

ତେନ୍ତୁଳିଖୁଣ୍ଟି, ୩।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଛକ ସହ ୧୫ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ କରାଯାଇଛି ସାମୂହିକ ଶୌଚାଳୟ। କିନ୍ତୁ ଏହା ଲୋକଙ୍କ କାମରେ ଆସୁନି। ଉକ୍ତ ଜାଗା ସବୁ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଶୌଚାଳୟରେ ପାଣି ବ୍ୟବସ୍ଥା ନାହିଁ। ଉପରେ ପାଣି ଟାଙ୍କି ରହିଛି ତାହା ସରୀସୃପଙ୍କ ବାସସ୍ଥଳୀ ପାଲଟିଛି।

ସାଧାରଣ ଲୋକଙ୍କ ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ପାଇଖାନା ବ୍ୟବସ୍ଥା ନାହିଁ। ବ୍ଲକ ଛକରେ ଥିଲେ ମଧ୍ୟ ଏହା ଲୋକଙ୍କ କାମରେ ଆସୁନାହିଁ। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ କାନ୍ଥ କଡ଼ରେ ପରିଶ୍ରା କରୁଥିବା ଦେଖିବାକୁ ମିଳିଛି। ଗତ ପଞ୍ଚାୟତ ସମିତି ବୈଠକରେ ଏହି ସମସ୍ୟା ନେଇ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ପ୍ରଶାସନ ଉପରେ ବିଗିଡ଼ି ଥିଲେ ମଧ୍ୟ ଏହାର ସମାଧାନ ହୋଇନି। ହୋଇନି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତେନ୍ତୁଳି ଖୁଣ୍ଟି ବ୍ଲକ ଛକ, ବ୍ଲକ କାର୍ଯ୍ୟାଳୟ ଓ ପଞ୍ଚାୟତଗୁଡ଼ିକରେ ନିର୍ମାଣ ହୋଇଥିବା ପାଇଖାନା କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଶୌଚାଳୟରେ ପାଣି ସମସ୍ୟା ରହିଛି। ଆରଡବ୍ଲୁଏସ୍‌ଏସ୍ ବିଭାଗ ସହ କଥା ହୋଇ ସମସ୍ୟା ସମାଧାନ କରି ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

## ୧୨ରେ ହେବ ବ୍ଲକସ୍ତରୀୟ ପ୍ରତିଯୋଗିତା

ଡାବୁଗାଁ, ୩।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି ସ୍ୱାଧୀନତା ଦିବସ ପାଳନ ନେଇ ବିଭିନ୍ନ କମିଟି ଗଠନ, ଅତିଥି ଚୟନ, ଅଗଷ୍ଟ ୧୨ ତାରିଖ ଦିନ ବ୍ଲକସ୍ତରୀୟ ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଡିଓ ଶରତ ମାଝି, ବିଜେଡି ବରିଷ୍ଠ ନେତା ଏମ୍.ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଜିଲାପରିଷଦ ସଭ୍ୟ ଗୁପ୍ତ ବିଶୋଇ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଏସ୍‌ଆଇ ବିଜୁରାମ ବାଗ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ ପଣ୍ଡା ଓ ହେମେନ୍ଦ୍ରନାଥ ବେହେରା, ଶିକ୍ଷୟିତ୍ରୀ ବନଲତା ମହାନ୍ତି, କ୍ରିଡ଼ା ଶିକ୍ଷକ ହେମନ୍ତ ସାମଲ, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱକେ ତ୍ରିପାଠୀ, ବିକାଶ ରଞ୍ଜନ ନିଶଙ୍କ, ଉମେଶ ପାତ୍ର, ପ୍ରଦୀପ ସାହୁ, ବରିଷ୍ଠ ନାଗରିକ ନିତ୍ୟାନନ୍ଦ ମହାନ୍ତି, ସୀମାଞ୍ଚଳ ଦାସ, ଆର. ପ୍ରକାଶ ରାଓ, ଅମୂଲ୍ୟ ଦଳାଇ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ବୈଠକ ପରିଚାଳନା କରିଥିଲେ।


ବୈଠକରେ ଆଲୋଚନା ଚାଲିଛି।

## ହିତାଧିକାରୀ ପାଇଲେ ସହାୟତା ରାଶି

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ**

ନବରଙ୍ଗପୁର,୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କମଳଲୋଚନ ମିଶ୍ର ଯୋଗଦେଇ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିଛନ୍ତି। ଉଷାବତୀ ଦୋରା, ବସନ୍ତୀ ଗୌଡ଼, ଜେମାମଣି ସୌରା, ଦିବା ପୋଡ଼ାଗଡ଼ିଆ, ଜମା ଗୌଡ଼, ନିରୁପମା କଟିମଙ୍କ ସମେତ ୫୧ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି। ତ୍ରିନାଥ ଭତ୍ରା, ଶୁକ୍ଳଦେଇ ଗୌଡ଼, ଚନ୍ଦ୍ର ଚୌଧରୀ, ସରାମଣି ଭତ୍ରାଙ୍କ ସମେତ ୬୭ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏ ବିବାହ ସହାୟତା ଦିଆଯାଇଛି।
୮୩ ହିତାଧିକାରୀଙ୍କୁ ୫,୧୩,୨୦୦ ଟଙ୍କା ଶିକ୍ଷା ସହାୟତା, ୭୯ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରସୂତିକାଳୀନ ରାଶି ଅନ୍‌ଲାଇନରେ ସେମାନଙ୍କ ବ୍ୟାଙ୍କଖାତାରେ ଜମା କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶ୍ରମ ଆୟୁକ୍ତ ଓ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ କୁବେର ବେହେରା ଓ ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ନିର୍ମାଣ ଶ୍ରମିକ ହିତାଧିକାରୀ ଓ ନିର୍ମାଣ ଶ୍ରମିକ ସଂଘ, ପଦ୍ମଚରଣ ପଣ୍ଡା, ମୀନା କୁମାରୀ ମାଝି, ମାନସ ରଞ୍ଜନ ଖୋସଲା, ସଂଗ୍ରାମ ଭୂମିଆ, ଡବ୍ଲୁସି କେ. ଦିଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି।

# ଜିଲ୍ଲାରେ ଅଗଷ୍ଟ ୧ରୁ ବନ୍ଦ ରହିଛି ଲକ୍ଷ୍ମୀ ଯୋଜନାର ୬ ଏସି ବସ୍ ଚଳାଚଳ

ମାଲକାନଗିରି, ୩।୮ (ଦୁର୍ଯ୍ୟୋଧନ ପାତ୍ର)



ଗତ ବିଜେଡି ସରକାର ମାଲକାନଗିରି ଜିଲାରେ ପ୍ରଥମେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ମାଲକାନଗିରି ଜିଲାକୁ ବିଭିନ୍ନ ରୁଟ୍‌ରେ ଚଳାଚଳ ପାଇଁ ୩୪ଟି ଲକ୍ଷ୍ମୀ ବସ୍ ଯୋଗାଇ ଦେଇଥିଲେ। ସେଥିରୁ ୬ଟି ଏ.ସି. ବସ୍ ଥିଲା। ତେବେ ଏହି ୬ଟି ଏସ୍‌ସି ବସ୍ ବ୍ଲକ ସଦର ମହକୁମାଠାରୁ ଜିଲା ସଦର ମହକୁମାକୁ ଚଳାଚଳ କରୁଥିଲା। ଅନ୍ୟ ନନ୍ ଏସି ବସ୍‌ଗୁଡିକ ବ୍ଲକ ସଦର ମହକୁମାରୁ ପଞ୍ଚାୟତ ସଦର ମହକୁମା ଓ ଆଭ୍ୟନ୍ତରୀଣ ଗ୍ରାମଗୁଡିକୁ ଯାତାୟାତ କରୁଥିଲା। ନନ୍ ଏସି ବସ୍‌ରେ ଯାତ୍ରୀଙ୍କ ନିମନ୍ତେ ବସ୍ ଭଡା ୫ ଟଙ୍କା ରଖା ଯାଇଥିବା ବେଳେ ଏସି ବସ୍‌ରେ ମହିଳା ଯାତ୍ରୀଙ୍କୁ ୧୦ ଟଙ୍କା ବସ୍ ଭଡା ଧାର୍ଯ୍ୟ କରା ଯାଇଥିଲା। ଫଳରେ ଜିଲାର ସମସ୍ତ ଅଞ୍ଚଳକୁ ଏହି ବସ୍‌ଗୁଡିକ ଚଳାଚଳ କରିବାରୁ ଲେଶକେ ସୁବିଧାରେ ଯାତାୟାତ କରୁଥିଲେ। ତେବେ ଗତ ଅଗଷ୍ଟ ୧ ତାରିଖରୁ ଜିଲାରେ ଚାଲୁଥିବା ୬ଟି ଏ.ସି. ବସ୍‌ର ପରମିଟ୍‌କୁ ବନ୍ଦ କରି ଦିଆଯାଇଛି। ଉକ୍ତ ବସ୍ ଚଳାଚଳ କରୁ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲକ୍ଷ୍ମୀବସ୍ ସେବା ପରିଚାଳନା କରୁଥିବା ଅଧିକାରୀ ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଲେ, ଲକ୍ଷ୍ମୀ ବସ୍ ଯୋଜନାରେ ଚାଲୁଥିବା ୬ଟି ଏସି ବସଗୁଡିକ ପାଇଁ ରୁଟ ପରମିଟ୍ ବନ୍ଦ କରାଯାଇଥିବାରୁ ତାହା ଯାତାୟାତ କରୁନାହିଁ ଓ ଅନ୍ୟ ବସଗୁଡିକ ନିଜନିଜ ରୁଟ୍‌ରେ ଯାତାୟାତ କରୁଛି। ଆଗାମୀ ଦିନରେ ରୁଟ୍ ପରମିଟ୍ ପାଇଁ ନିର୍ଦ୍ଦେଶ ଆସିଲେ ଏହି ବସ ସେବା ପୁଣି ଆରମ୍ଭ ହେବ ବୋଲି ତ୍ରିପାଠୀ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ସରକାରଙ୍କ ଆକଳନ ଅନୁସାରେ ଏସି ବସ୍ ଚଳାଚଳ ଦ୍ୱାରା ସରକାରଙ୍କ ବହୁ କ୍ଷତି ହେଉଛି। ଏସି ବସ୍‌ରେ ଦିନକୁ ୩ ହଜାର ଟଙ୍କା ଆଦାୟ ହେଉଥିବା ବେଳେ ପ୍ରାୟ ୧୨ ହଜାର ଟଙ୍କାର ତେଲ ଖର୍ଚ୍ଚ ହେଉଛି। ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଦରମା ମିଶାଇଲେ ଦିନକୁ ପ୍ରାୟ ୧୫ ହଜାର ଟଙ୍କା କ୍ଷତି ହେଉଥିବା ଜଣାପଡିଛି। ଅନ୍ୟ ପକ୍ଷରେ ଘରୋଇ ବସମାଲିକମାନେ ବିଗତ ଦିନରେ ଲକ୍ଷ୍ମୀବସ୍ ଯୋଗୁ ଘରୋଇ ବସ ଗୁଡିକର କ୍ଷତି ହେଉଥିବା ଅଭିଯୋଗ କରିଥିଲେ। ଲକ୍ଷ୍ମୀବସ୍ ଯାତାୟତ ସମୟସୀମା ଯୋଗୁ ଏହି ମାଲିକମାନେ ଋଣ ଆଣି ବସ୍ କିଣି ଚଳାଇ କ୍ଷତି ସହୁଛନ୍ତି ବୋଲି ଅଭି ଯୋଗ କରିଥିଲେ। ଏହାକୁ ଭିତ୍ତିକରି ମାଲକାନଗିରି ଜିଲାର ୬ଟି ଏସିବସ୍‌ର ପରମିଟ୍‌କୁ ବାତିଲ କରାଯାଇଥିବା ଜିଲା ପରିବହନ ଅଧିକାରୀ କହିଛନ୍ତି।

## ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ



ଜବତ ହୋଇଥିବା ପାଇପ୍ ବୋମା ଏବଂ କୁକର ବୋମା।

### ୨ ବୋମା ଜବତ

ମାଲକାନଗିରି, ୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ମାଓବାଦୀମାନେ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଛି। ଖବରରୁ ଜଣାପଡିଛି, ମାଓବାଦୀମାନେ ଗତ ୨୮ ତାରିଖରୁ ଶହୀଦ ସପ୍ତାହ ପାଳନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ଓ ସୁରକ୍ଷା ବଳ ପକ୍ଷରୁ ବାରମ୍ବାର ତଲାସି ଅଭିଯାନ କରାଯାଉଛି। ଏହି କ୍ରମରେ ନାରାୟଣପୁର ଜିଲାର କୋହକାମେଟାର ଜଙ୍ଗଲରେ ଡିଆରଜି ଓ ବିଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ଜାରି ଥିବା ବେଳେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କୁ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। କିଛି ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଯବାନଙ୍କୁ ସାମ୍ନା କରି ନପରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଲୁଚି ପଳାଇଥିଲେ। ତେବେ ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ ତଲାସି କରିବା ବେଳେ ଗୋଟିଏ ପାଇପ୍ ବୋମା ଏବଂ ଗୋଟିଏ କୁକର ବୋମାକୁ ଜବତ କରିଥିଲେ। ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀଙ୍କ ଦ୍ୱାରା ଏହି ବୋମା ଖଞ୍ଜା ଯାଇଥିବା ବେଳେ ଏହାକୁ ସୁରକ୍ଷାବାହିନୀ ପଣ୍ଡ କରି ଦେଇଛନ୍ତି ବୋଲି ନାରାୟଣପୁର ଏସ୍‌ପି ପ୍ରଭାତ କୁମାର ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ନବନିର୍ମିତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣର ୩ ମାସ ନ ପୂରୁଣୁ ଧୋଇଗଲା ପିଚୁ



ବୈପାରିଗୁଡ଼ା,୩।୮ (କଳ୍ପତରୁ ମହାନ୍ତି)

ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ କରାଯାଉଛି। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଅତି ନିମ୍ନମାନର କାମ ହେଉଛି। ଫଳରେ ଏହି ରାସ୍ତା ନିର୍ମାଣର ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ହଳଦୀକୁଣ୍ଡଠାରୁ ସୋରିଷପଦର ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ରାସ୍ତା କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଗତ ମେ ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା। ଏବେ ୩ ମାସ ହୋଇନି ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ହେବା ସହ କାଦୁଅରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଯାତାୟାତରେ ଲୋକେ ଅସୁବିଧାରେ ପଡୁଛନ୍ତି। ବିଭାଗୀୟ ନିୟମ ଅନୁସାରେ ରାସ୍ତାକାମ ହୋଇ ନ ଥିବା ଅଭିଯୋଗ ହେଉଛି। କାର୍ଯ୍ୟସ୍ଥଳରେ ନିର୍ମାଣ ଫଳକ ମଧ୍ୟ ଲାଗିନାହିଁ। ସୂଚନାଯୋଗ୍ୟ, ଉକ୍ତ ରାସ୍ତାକୁ ପ୍ରସିଦ୍ଧ ଗୁପ୍ତେଶ୍ୱର ଶୈବପୀଠକୁ ବାଇପାସ୍ ରାସ୍ତା ଭାବେ ବ୍ୟବହାର କରାଯାଏ। ରାସ୍ତା ଅବସ୍ଥା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଜାକଡ଼ା ଗୁଡୁଙ୍କୁ ପଚାରିବାରୁ କାମ ଫାଇନାଲ୍ ହୋଇନାହିଁ। ବର୍ଷା ପରେ ଯେଉଁ ସବୁ ସ୍ଥାନରେ ଧୋଇହୋଇଯାଇଛି ସେସବୁ ତିଆରି କରାଯିବ ବୋଲି କହିଥିଲେ।

## ସ୍କୁଲ ଛାତ ପାହାଚ ଭୁଶୁଡ଼ିଲା

କୋରୁକୋଣ୍ଡା, ୩।୮ (ଶିବଦତ୍ତ ସାହୁ)



ଭୁଶୁଡି ପଡିଥିବା ବିଦ୍ୟାଳୟ ଶିଡି ପାହାଚ।

ଭୁଶୁଡିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବିଦ୍ୟାଳୟର ଉପର ମହଲା ଶିଡି ପାହାଚ। ଅଳ୍ପକେ ବର୍ତ୍ତିଲେ କୁନି କୁନି ଶିଶୁ। ମିଳିଥିବା ସୂଚନାରୁ ଜଣାପଡିଛି, ଶୁକ୍ରବାରପୂର୍ବାହ୍ନ ୧୧ଟାରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ମହଲା ବିଶିଷ୍ଟ ମୂଳ ସାକ୍ଷରତା ଓ ସଂଖ୍ୟାତ୍ମକ(ଏଫଏଲଏନ୍) ଗୃହର ପାହାଚ ଭୁଶୁଡି ପଡ଼ିଥିଲା। ଏଫଏଲଏନ ଗୃହର ଉପର ମହଲା ଶ୍ରେଣୀରେ ୬/୧୦ ବର୍ଷର କୁନି କୁନି ଶିଶୁମାନେ ପାଠ ପଢୁଥିବା ବେଳେ ହଠାତ ଏକ ବଡ଼ ଧରଣର ଶବ୍ଦ ଶୁଭିଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ରୋଷେୟା ବାହାରକୁ ଦୌଡ଼ି ଆସି ଦେଖିଲା ବେଳକୁ ପାହାଚଟି ସମ୍ପୂର୍ଣ୍ଣ ରୂପେ ଭୁଶୁଡି ପଡିଛି। ଏହି ସମୟରେ ଉପର ମହଲାରେ ୩୮ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଭୀଷଣ ଶବ୍ଦ ଶୁଣି ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଥିଲେ। ଏହି ସମୟରେ ସିଆରସିସି ନିତାଇ ରାଏ ସେହି ସ୍କୁଲରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାଳି ଏବଂ ସିଆରସିସି ଭଙ୍ଗା ପାହାଚରେ ଧୀରେ ଧୀରେ ଉପର ମହଲାକୁ ଯାଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିଥିଲେ। ପାହାଚ ଭାଙ୍ଗିବା ଶବ୍ଦ ଶୁଣି ଗ୍ରାମବାସୀ ସ୍କୁଲରେ ପହଞ୍ଚି ତୁରନ୍ତ ପୂର୍ବରୁ ପରିତ୍ୟକ୍ତ ଅବସ୍ଥାରେ ଥିବା ଦୁଇଟି ଶ୍ରେଣୀ ଗୃହ, ଗତବର୍ଷ ଗ୍ରୀଡିଂ ହୋଇଥିବା ଶ୍ରେଣୀରେ ପାଣି ଗଳୁଥିବାରୁ ଏହାକୁ ମରାମତି କରିବାକୁ ସିଆରସିସିଙ୍କ ନିକଟରେ ଦାବି କରିଥିଲେ। ବିଦ୍ୟାଳୟ ଅବସ୍ଥା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଅଧିକାରୀ ଶୁଣୁନାହାନ୍ତି। ତେବେ ଯଥା ଶୀଘ୍ର ସବୁ ଶ୍ରେଣୀ ଗୃହ ମାନ ଯାଞ୍ଚ ସହ ମରାମତି ନ ହେଲେ ଆଗାମୀ ଦିନରେ ବିକଳ୍ପ ପନ୍ଥା ଆପଣେଇବୁ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୨୦୨୪ରେ ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାଳି ଉଭୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ।

## ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜୟପୁର,୩।୮ (ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଓ ଶାରୀରିକ ଶିକ୍ଷା ଶିକ୍ଷକ ନରେଶ ଷଡ଼ଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀମାନେ ଶିକ୍ଷକଦ୍ୱୟଙ୍କ ଶିକ୍ଷାଦାନ କୌଶଳ, କ୍ରୀଡ଼ା କୌଶଳ, ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶରେ ସହଭାଗିତାକୁ ପ୍ରଶଂସା କରିଥିଲେ। ଶିକ୍ଷକ ପଣ୍ଡା ଓ ଷଡ଼ଙ୍ଗୀ ବୃତ୍ତିଗତ ଜୀବନର ସଫଳତା ଉପରେ ନିଜ ମତରଖିବା ସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଗୌରବ ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପଣ୍ଡା ଶିକ୍ଷା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବହୁବାର ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି କ୍ରୀଡ଼ା କ୍ଷେତ୍ରରେ ଶିକ୍ଷକ ଷଡ଼ଙ୍ଗୀଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ବହୁବାର ସମ୍ବର୍ଦ୍ଧିତ ହୋଇଛନ୍ତି। ଶିକ୍ଷକଦ୍ୱୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ଛାତ୍ରୀଛାତ୍ର ରାଜ୍ୟ ତଥା ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣକରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଶିକ୍ଷକ ପଣ୍ଡା ୧୯୮୮ ଫେବୃଆରୀ ୮ରେ ମାଲକାନଗିରି ଜିଲାର କାଳିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେହିପରି ଶିକ୍ଷକ ଷଡ଼ଙ୍ଗୀ ୧୯୮୯ ଜୁଲାଇ ୧୯ରେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରୁ ବୃତ୍ତିଗତ ଜୀବନ ଆରମ୍ଭ କରଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ପୂର୍ବତନ ଶିକ୍ଷକ ପ୍ରଭାତ ରଥ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼, ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ, ପପିତା ପ୍ରଧାନ, ରଶ୍ମିତା ନାହାକ, ପ୍ରଭାତୀ ପାଣିଗ୍ରାହୀ, ଅରୁନ୍ଧତୀ ତ୍ରିପାଠୀ, ସୁଚରିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦକ୍ଷତା ବିକାଶ, କୌଶଳ ରଥର ଉଦ୍‌ଯାପନୀ କାର୍ଯ୍ୟକ୍ରମ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକ।

ମାଲକାନଗିରି, ୩।୮ (ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପରିକ୍ରମା କରୁଥିବା ସଚେତନତା କୌଶଳ ରଥର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହି ରଥ ଜିଲାର ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଚିତ୍ରକୋଣ୍ଡା ବ୍ଲକ ବଡପଡା ଶିକ୍ଷା କମ୍ପ୍ଲେକ୍ସ, କୁଡୁମୁଲୁଗୁମ୍ମା ମହାବିଦ୍ୟାଳୟ, ଖଇରପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ପରିକ୍ରମା କରିଥିଲା। ଶନିବାର ଉକ୍ତ ରଥ ମାଥିଲି ବ୍ଲକର ମାଥିଲି ଆଇଟିଆଇ, ମାଥିଲି ମହାବିଦ୍ୟାଳୟ, ଗୋବିନ୍ଦପାଲି ଯୁକ୍ତଦୁଇ ମହାବିଦ୍ୟାଳୟ,ଗୋବିନ୍ଦପାଲ୍ଲି ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିକ୍ରମା କରିଥିଲା। ଏହି ବିଦ୍ୟାଳୟମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷକମାନେ ଡ୍ରୋନ୍ ଟେକ୍ନୋଲଜି, ଡ୍ରାଇଭିଂ ସିମୁଲେସନ୍, ଥ୍ରୀଡି ପ୍ରିଣ୍ଟିଂ ଓ ଭର୍ଚୁଆଲ ରିଅଲିଟି ଉପରେ ଶିକ୍ଷା ଦେଇଥିଲେ। ଦକ୍ଷତା ଏବଂ ନିଯୋଜନ ଅଧିକାରୀ ମନସ୍ୱୀ ସେଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ହୋଇଥିଲା।

## ଦିଲ୍ଲୀରେ ସ୍ୱାଧୀନତା ଦିବସରେ ଯୋଗଦେବେ ଶୀତିଲଗ୍ନା, ସୁବାସ

କୋରାପୁଟ,୩।୮ (ଅମିତାଭ ବେହେରା)



ଶୀତିଲଗ୍ନା ଓ ସୁବାସ।

ଦିଲ୍ଲୀର ଲାଲକିଲ୍ଲାଠାରେ ଆୟୋଜିତ ହେବାକୁ ଥିବା ୭୮ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ଯୋଗଦେବେ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶୀତିଲଗ୍ନା ଶତପଥୀ ଓ କୋରାପୁଟ ଜିଲା ଗୋଡିହଞ୍ଜର ଉଚ୍ଚ ବିଦ୍ୟାଳୟର ଛାତ୍ର ସୁବାସ ଖିଲ। ଏନେଇ ଉଭୟ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ଓ ତାଙ୍କ ଅଭିଭାବକଙ୍କ ନିକଟକୁ ନୂଆଦିଲ୍ଲୀସ୍ଥିତ ପ୍ରେରଣା କାର୍ଯ୍ୟାଳୟରୁ ନିମନ୍ତ୍ରଣପତ୍ର ଆସିଛି। ଏହି ନିମନ୍ତ୍ରଣପତ୍ର ଆସିବା ପରେ ଉଭୟ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ଓ ଘରେ ଆନନ୍ଦ ଖେଳିଯାଇଛି। ଚଳିତ ମାସ ୧୩ ତାରିଖରେ ଉପରୋକ୍ତ ୨ ଛାତ୍ରୀଛାତ୍ର ଦିଲ୍ଲୀ ଗସ୍ତ କରିବେ। କୋରାପୁଟର ଶୀତିଲଗ୍ନା ହେଉଛନ୍ତି କବି ରବି ଶତପଥୀଙ୍କ ଝିଅ। ସୂଚନାଯୋଗ୍ୟ, ଗତ ମେ ୧୯ରୁ ୨୫ ଯାଏ ନୂଆଦିଲ୍ଲୀସ୍ଥିତ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗୁଜରାଟର ଭଦନଗରଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରେରଣା ଉତ୍ସବରେ ଉଭୟେ ଯୋଗଦେଇ କୋରାପୁଟ ଜିଲା ପାଇଁ ଗୌରବ ଆଣିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ

ମାଲକାନଗିରି, ୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘର ମାଥିଲି ବ୍ଲକ ଶାଖା ପକ୍ଷରୁ ମାଥିଲି ତହସିଲ କାର୍ଯ୍ୟାଳୟ ପରିସରରେ ବଟ ଓ ଓସ୍ତ ଚାରାରୋପଣ କରାଯାଇଛି। ପରିବେଶକୁ ସୁସ୍ଥ ରଖିବା ପାଇଁ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏପରି କାର୍ଯ୍ୟକ୍ରମ କରାଯାଇଛି। ସଂଘ ପକ୍ଷରୁ ମାଥିଲି ତହସିଲ କାର୍ଯ୍ୟାଳୟରେ ବଟ ଓ ଓସ୍ତ ଚାରାରୋପଣ କରାଯାଇଥିଲା। ଏହାର ସୁରକ୍ଷା ଦାୟିତ୍ୱ ମାଥିଲି ପିଇଓ ଅଶୋକ ମହାରଣା ନେଇଛନ୍ତି। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ଜେନା ଓ ସଦସ୍ୟ ଶ୍ୟାମ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ।

## ମାପ, ଓଜନ ବିଭାଗର ଚଢ଼ାଉ

ଜୟପୁର, ୩।୮ (ପବନ ପାଣିଗ୍ରାହୀ)

ମାପ ଓ ଓଜନ ବିଭାଗ ପକ୍ଷରୁ ଶୁକ୍ରବାର ଜୟପୁର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବୋରିଗୁମ୍ମା ରୋଡ୍‌ରେ ଥିବା ଡାକ ବିଭାଗ, ଚାଉଳ ଦୋକାନ, ଗୋଟିଏ ମିଠାଦୋକାନ ଉପରେ ଚଢାଉ କରାଯାଇ ୧୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ସମୟରେ ପ୍ରାୟ ୧୫ଟି ଦୋକାନ ଯାଞ୍ଚ କରାଯାଇଥିଲା। କେତେଜଣ ଦୋକାନୀ ମାପ ଓଜନର ନବୀକରଣ କରି ନ ଥିବା ବେଳେ ଆଉ କେତେକ ଦୋକାନ ଓ ଡାକ ବିଭାଗରେ ମାପ ଓ ଓଜନର କମ୍ ରହିଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା ବୋଲି ବିଭାଗର ସହକାରୀ ନିୟନ୍ତ୍ରକ ବିଜୟ ନାୟକ କହିଛନ୍ତି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଶୋଭାଯାତ୍ରା

ଜୟପୁର, ୩।୮ (ପବନ ପାଣିଗ୍ରାହୀ)

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଓ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୧ରୁ ୭ ଯାଏ ଏହି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶିଶୁ ବିକାଶ ଯୋଜନା ପକ୍ଷରୁ ରାଣୀଗଡ଼ଠାରେ ପ୍ରସୂତି ମହିଳାମାନଙ୍କୁ ନେଇ ଏକ ସଚେତନତା ବୈଠକ ହୋଇ ଶୋଭାଯାତ୍ରା ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଶିଶୁର ଯତ୍ନ, ସ୍ତନ୍ୟପାନ ଦ୍ୱାରା ଶିଶୁର ଉପଯୁକ୍ତ ବିକାଶ ସମ୍ପର୍କରେ ସଚେତନ କରାଯାଇଥିଲା। ସିଡିପିଓ ସୁଚିତା ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

ସୁନାବେଡ଼ା/ସେମିଳିଗୁଡ଼ା, ୩।୮
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

୨୬ ନଂ. ଜାତୀୟ ରାଜପଥ କୁନ୍ଦୁଲି ହାଟପଦାଠାରୁ ହାଟଗୁଡ଼ା ଯିବା ରାସ୍ତାର ଟେମାଠାରେ ରାସ୍ତା ଉପରେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର। ଦୀର୍ଘଦିନ ହେବ ଏପରି ଅବସ୍ଥାରେ ଥିବାରୁ ଯାତାୟାତରେ ଲୋକେ ସମସ୍ୟାରେ ପଡୁଛନ୍ତି। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଏନେଇ ବହୁବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଅନେକ ଗାଡ଼ି ମୋଟର ଯାତାୟାତ କରିବା ସହ ଲୋକେ ଚାଲି ଚାଲି ମଧ୍ୟ ଯିବା ଆସିବା କରନ୍ତି। ଝୁଲି ରହିଥିବା ବିଦ୍ୟୁତ୍ ତାର ଯୋଗୁ କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିହେବ ନାହିଁ। ଏହି ତାର ଏତେ ତଳକୁ ଝୁଲି ରହିଛି ଯେ ଛୋଟ ପିଲାଙ୍କର ମଧ୍ୟ ହାତ ବାଜିବ। ଏହି ରାସ୍ତା ଦେଇ ଛୋଟ ଛୋଟ ପିଲା ସ୍କୁଲ ମଧ୍ୟ ଯାଇଥାନ୍ତି। ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।




ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର।

## ପାଣିରେ ପଡ଼ିଲା ୧ କୋଟି ୩୦ ଲକ୍ଷ

କୋରୁକୋଣ୍ଡା,୩।୮ (ଶିବଦତ୍ତ ସାହୁ)

- ଫେଲ୍ ମାରିଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା
- ଉଠିଲା ପିଚୁ, ରାସ୍ତା ସାରା ଆଣ୍ଠୁଏ ଲେଖାଏ ଖାଲ ଓ କାଦୁଅ
- ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ
- ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ



ଚିତାପାରି-୪ଠାରୁ ପୁରୁଣା ଚିତାପାରି ଗ୍ରାମ ଶେଷ ପର୍ଯ୍ୟନ୍ତ ନଷ୍ଟ ହୋଇଯାଇଥିବା ରାସ୍ତା।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ଖୁବ୍ କମ୍ ଦିନରେ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଗଲାଣି। ଫଳରେ ଏ ବାବଦରେ ଖର୍ଚ୍ଚ ହୋଇଥିବା ୧ କୋଟି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡିଛି ବୋଲି ଅଭିଯୋଗ ହେଉଛି। ପୂର୍ବରୁ ଥିବା ମାଟିରାସ୍ତା ଆମ ପାଇଁ ବହୁତ ଭଲ ଥିଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଏହି ରାସ୍ତା ନିର୍ମାଣ ହେବାର ୫/୬ ମାସ ପରଠାରୁ ରାସ୍ତାରୁ ପିଚୁ ଉଠିବା ଆରମ୍ଭ ହୋଇ ଏବେ ମାଟି କାଦୁଅରେ ଭର୍ତ୍ତି ହେଲାଣି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ବାଲିମେଳା ସହର ସୀମାନ୍ତ ଚିତାପାରି-୪ଠାରୁ ପୁରୁଣା ଚିତାପାରି ଗ୍ରାମ ଶେଷ ପର୍ଯ୍ୟନ୍ତ ୩ କି.ମି. ୩୦୦ ଶହ ମିଟରର ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ପାଇଁ ସରକାରଙ୍କ ପକ୍ଷରୁ ୧ କୋଟି ୩୦ଲକ୍ଷ ୧୩ହଜାର ଟଙ୍କା ବ୍ୟୟ ଅଟକଳ ହୋଇ ୨୦୧୪ ଫେବୃୟାରୀ ୧୫ରେ ଠିକାଦାର ରବୀନ୍ଦ୍ର ଭୋଳ ରାସ୍ତା ନିର୍ମାଣ ଆରମ୍ଭକରି ୧୪।୨।୨୦୧୫ରେ ଶେଷ କରିଥିଲେ। ୫ ବର୍ଷ ପାଇଁ ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୭ ଲକ୍ଷ ୨୨ ଲକ୍ଷ ଟଙ୍କା ରହିଛି। ତେବେ ୫ବର୍ଷ ବଦଳରେ ମାତ୍ର ୫ ମାସରେ ଏହି ରାସ୍ତାର ରକ୍ଷଣାବେକ୍ଷଣ ଆବଶ୍ୟକ ହେଲାଣି। ଠିକାଦାର, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସଲାସୁତୁରାରେ ଏପରି ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ଏହି ରାସ୍ତା ଦେଇ ବାଲିମେଳା ସହରବାସୀଙ୍କ ସମେତ ଉସ୍କାପାଲ୍ଲି, ସୋର୍ଲକୋଣ୍ଡା, ନୀଳାଦ୍ରିନଗର, ପୁରୁଣା ଓର୍କେଲ, ଏମ୍‌ଭି-୫୧, ଏମ୍‌ଭି-୫୨, ପୁରୁଣା ଚିତାପାରି, ଡାଳକାଠିଗୁଡା, ଡବେଗୁଡା, ପୁରୁଣାଗୁଡା ସମେତ ବିଭିନ୍ନ ଗ୍ରାମର ଲୋକେ ବିଭିନ୍ନ କାର୍ଯ୍ୟରେ କୋରୁକୋଣ୍ଡା ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର, ଲ୍ୟାମ୍ପ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଓ ମାଲକାନଗିରି ସହରକୁ ଯାତାୟାତ କରିଥାନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହୋଇଥିବା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଉକ୍ତ ରାସ୍ତା ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମାଣିକ କୁମ୍ଭାରଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ରାସ୍ତାକୁ ପୁନର୍ବାର ମରାମତିକରି ପିଚୁ ଦେଇ ନିର୍ମାଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଏଷ୍ଟିମେଟକରି ପ୍ରପୋଜାଲ ପଠାଯାଇଛି। ଏହା ଅନୁମୋଦନ ହେବା ପରେ କାର୍ଯ୍ୟ ହେବ ବୋଲି ସେ କହିଥିଲେ।